# ଆଦିବାସୀ ମେଳା- ୨୦୨୨

## ପ୍ରେସ୍ ନୋଟ୍

**୦୨.୦୫.୨୦୨୨**

୨୩.୦୪.୨୦୨୨ ଠାରୁ ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଆଦିବାସୀ ମେଳା ଆଜି ୦୨.୦୫.୨୦୨୨ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥି ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ଉନ୍ନୟନ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଜଗନ୍ନାଥ ସରାକା, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଂଜନା ଚୋପ୍ରା, ବିଭାଗୀୟ ନିର୍ଦ୍ଦେଶିକା ଶ୍ରୀମତୀ ଗୁହା ପୁନମ ତାପସ କୁମାର, ପ୍ରଫେସର ଡଃ ଅଖିଳ ବିହାରୀ ଓଟା, ତଥା ଅନ୍ୟାନ୍ୟ ବିଶିଷ୍ଟ ଅତିଥିଗଣ ଯୋଗଦାନ କରି ମେଳାର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଉଦ୍‌ଯାପନୀ ଉତ୍ସବକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଂଜନା ଚୋପ୍ରା ପରିଚାଳନା କରିଥିଲେ ତଥା ଏକାଡ଼େମୀ ସଦସ୍ୟ ସଚିବ ପ୍ରଫେସର ଡଃ ଅଖିଳ ବିହାରୀ ଓଟା ଉଦ୍‌ଯାପନୀ ମନ୍ତବ୍ୟ ରଖି ସମସ୍ତଙ୍କ ସହଯୋଗ ଯୋଗୁଁ ଏହା ସଫଳ ହୋଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ । ବିଭାଗୀୟ ନିର୍ଦ୍ଦେଶିକା ଶ୍ରୀମତୀ ଗୁହା ପୁନମ୍ ତାପସ କୁମାର ମେଳାର ମହତ୍ୱ ବଖାଣି ଥିଲେ । SCSTRTI ର ଉପ ନିର୍ଦ୍ଦେଶକ ଡ. ବିଜ୍ଞାନାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

- କୋଭିଡ୍ ମହାମାରୀ ଜନିତ ଆଚରଣ ବିଧି ଲାଗୁ ହେବା କାରଣରୁ ଚଳିତ ବର୍ଷ ଆଦିବାସୀ ମେଳା – ୨୦୨୨ କଟକଣା ଆଧାରରେ ଅନୁଷ୍ଠିତ ହୋଇଛି । ଏହି ଆଦିବାସୀ ମେଳା ୟୁନିଟ୍ -୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ତା – ୨୩.୦୪.୨୦୨୨ ରୁ ୦୨.୦୫.୨୦୨୨ ପର୍ଯ୍ୟନ୍ତ ଅପରାହ୍ନ ୩.୩୦ରୁ ରାତ୍ର ୯.୩୦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।
- କେବଳ ଜନଜାତିଙ୍କ ଉତ୍ପାଦିତ ଓ ପ୍ରସ୍ତୁତ ସାମଗ୍ରୀ ତଥା ସଂଗୃହୀତ ଲଘୁ ବନଜାତ ସାମଗ୍ରୀକୁ ଜନଜାତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ବିକ୍ରୟର ବ୍ୟବସ୍ଥା କରାଯାଇଥିଲା ।
- ସ୍ୱୟଂ ସହାୟକ ଗୋଷ୍ଠୀମାନେ 22 ଗୋଟି ITDA ଓ 17 ଗୋଟି ଅଣୁ ପ୍ରକଳ୍ପ (Micro Project) ଦ୍ୱାରା ମନୋନିତ ହୋଇ ଆଦିବାସୀ ମେଳାକୁ ଆସିଥିଲେ । ଏହା ଛଡା ମିଶନ ଶକ୍ତି, ଓରମାସ୍ ଏବଂ ଟିଡିସିସି ର SHG ମହିଳାମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ଦୀର୍ଘ ୧୦ ଦିନ ମେଳାରେ କେବଳ ୧୦୦ ଗୋଟି ଷ୍ଟଲ ମାଧ୍ୟମରେ କାରବାର କରାଯାଇ ଚାରି କୋଟି ଟଙ୍କାରୁ ଉର୍ଦ୍ଧ ବ୍ୟବସାୟ ହୋଇଥିଲା ।
- ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ଜନଜାତି ଗୋଷ୍ଠୀର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା ।
- ଆଦିବାସୀ ମେଳା ସହ ଜାତୀୟ ଜନଜାତି କଳାସାମଗ୍ରୀ ପ୍ରଦର୍ଶନୀ ଏଥରର ପ୍ରମୁଖ ଆକର୍ଷଣ ଥିଲା ।
- ଶୃଙ୍ଖଳା ରକ୍ଷା ପାଇଁ କମିଶନରେଟ ପୋଲିସ୍ ଭୁବନେଶ୍ୱରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ସୁରକ୍ଷା ବଳ ମୁତୟନ କରାଯାଇଥିଲା, ଏହାଛଡ଼ା ମେଳା କର୍ତୃପକ୍ଷଙ୍କ ତରଫରୁ ମଧ୍ୟ ଆବଶ୍ୟକତା ଅନୁଯାୟୀ ସୁରକ୍ଷାକର୍ମୀ କମିଶନରେଟ୍ ପୋଲିସ୍‌ଙ୍କ ତତ୍ୱାବଧାନରେ ରଖାଯାଇ ମେଳାକୁ ସୁ-ନିୟନ୍ତ୍ରିତ କରାଯାଇଥିଲା ।
- ଚଳିତ ଆଦିବାସୀ ମେଳାକୁ ୬ ଲକ୍ଷରୁ ଉର୍ଦ୍ଧ ଦର୍ଶକ ପରିଦର୍ଶନରେ ଆସିଥିଲେ ।
- ମେଳା ସମୟରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଉତମ ପ୍ରଦର୍ଶନ, ନିଜସ୍ୱ ଉତ୍ପାଦିତ ସାମଗ୍ରୀର ବିକ୍ରୟ ଆଧାରରେ ITDA, Panposh ର ସଂଜୀବନୀ SHG ପ୍ରଥମ, ITDA, Keonjhar ର ମା ଗାୟତ୍ରୀ SHG ଦ୍ୱିତୀୟ ଏବଂ ITDA, Jeypore ର ବାସୁମତୀ SHG ଏବଂ ମଠାପଡା ଡୋକ୍ରା SHG ତୃତୀୟ, ସେହିପରି Micro Project ପ୍ରାୟୋଜିତ DKDA, Chatikona ର ମା ଭୈରବୀ SHG ପ୍ରଥମ, HK & MDA, Jashipur ର ମା ସରସ୍ୱତୀ SHG ଦ୍ୱିତୀୟ ଏବଂ DDA, Kudumulugumma ର ମା ବନଦୁର୍ଗା SHG, ତୃତୀୟ, Mission Shakti ର ଜ୍ୟୋତି SHG ଏବଂ ଶ୍ରଦ୍ଧା SHG, ORMAS ର ବିଶ୍ୱ ମା ଗାୟତ୍ରୀ SHG ଙ୍କୁ ବିବେଚନା କରାଯାଇ ପୁରସ୍କୃତ କରାଯାଇଛି ।
- ଏହା ଛଡ଼ା ବିଭାଗ ତରଫରୁ ପ୍ରକାଶିତ ପିଲାମାନଙ୍କର ପତ୍ରିକା 'ସର୍‌ଗିଫୁଲ' ଉନ୍ମୋଚିତ ହୋଇଥିଲା ।
- ଉଦ୍‌ଯାପନୀ ଉତ୍ସବ ଅବସରରେ ATLC ର ସଦସ୍ୟ ସଚିବ ପ୍ରଫେସର (ଡଃ) ଅଖିଳ ବିହାରୀ ଓଟାଙ୍କ ଦ୍ୱାରା ସଂପାଦିତ ଦୁଇଟି ପୁସ୍ତକ ଯଥା Tribal Traditiona & Culture of Odisha ଏବଂ ଓଡ଼ିଶାର ଜନଜାତି ପରମ୍ପରା ଓ ସଂସ୍କୃତି ଉନ୍ମୋଚିତ ହୋଇଥିଲା ।

***